# ୩ ଦିନ ମଧ୍ୟରେ ଚାବି ହସ୍ତାନ୍ତର ନିର୍ଦ୍ଦେଶ

**ଗଞ୍ଜାମ ଜିଲା**
- ୨,୨୮୭ ଅଙ୍ଗନୱାଡି କେନ୍ଦ୍ରରେ ତାଲା ଝୁଲୁଛି
- ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ

ଛତ୍ରପୁର,୨୨।୧୨(ଡି.ଏନ.ଏ)

ଗଞ୍ଜାମ ଜିଲା ସମାଜ ମଙ୍ଗଳ ବିଭାଗର ଏକ ସମୀକ୍ଷା ବୈଠକ ଗୁରୁବାର ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ ଅଧ୍ୟକ୍ଷତା କରିଥିଲେ । ଜିଲାରେ ଥିବା ୫,୧୬୧ଟି ଅଙ୍ଗନୱାଡି କେନ୍ଦ୍ର ରହିଥିବା ବେଳେ ସେଥିରୁ ୨,୨୮୭ କେନ୍ଦ୍ରରେ ତାଲା ଝୁଲୁଛି। ଏକ ନିର୍ଦ୍ଦିଷ୍ଟ ସଂଘର ଅଙ୍ଗନୱାଡି କର୍ମୀମାନେ ବିଭିନ୍ନ ଦାବି ନେଇ ଲଢେଇ ଜାରି ରଖିଛନ୍ତି। ଫଳରେ ଏକ ମାସ ହେଲା ଜିଲାର ୨୨୮୭ ଟି କେନ୍ଦ୍ର ବନ୍ଦ ରହିଛି। କେନ୍ଦ୍ରଗୁଡିକ ବନ୍ଦ ରହିଥିବାରୁ ମମତା ଦିବସ ବାଧା ସୃଷ୍ଟି ହେବା ସହ ପ୍ରାକ ବିଦ୍ୟାଳୟ ପରିଚାଳନା, ଗରମ ଖାଦ୍ୟ ଶିଶୁଙ୍କୁ ପ୍ରଦାନ, ପୋଷଣ ଟ୍ରାକର, ଟିଏଚଆର ହିତାଧିକାରୀ ତାଲିକାରେ ବାଧା, ଗର୍ଭବତୀ ମହିଳା ସମେତ ଶିଶୁମାନେ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ହେଉଛନ୍ତି। ଏପରିକି ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ସମେତ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହୋଇଛି । ଆସନ୍ତା ୩ ଦିନ ମଧ୍ୟରେ ବନ୍ଦ ଥିବା କେନ୍ଦ୍ର ଗୁଡିକର ଚାବି କର୍ମୀମାନେ ହସ୍ତାନ୍ତର କରିବେ ବୋଲି ବୈଠକରେ ନିଷ୍ପତି ହୋଇଛି । ନଚେତ ସେମାନଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ସିଡିପିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମମତା ଯୋଜନାରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଥିବାରୁ ଏଏନଏମ ଓ ଆଶାକର୍ମୀମାନଙ୍କ ସହୟତା ଲୋଡିବା ପାଇଁ କୁହାଯାଇଛି। ବହୁ ସ୍ଥାନରେ ପିଲାଙ୍କୁ ପୋଷାକ ମିଳିନାହିଁ। ତେଣୁ ୩ରୁ ୪ ଦିନ ମଧ୍ୟରେ ଏହା ବଣ୍ଟନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାରେ ୫୧୬୧ ଟି କେନ୍ଦ୍ରରେ ୪୧ଟି ଅଙ୍ଗନାବଡି କର୍ମୀ ଓ ୧୭ଟି ହେଲପର ପଦବୀ ଖାଲି ପଡିଛି। ଏହା ବିଭିନ୍ନ କାରଣରୁ ଖାଲି ରହିଥିବା ବୈଠକରେ ଆଲୋଚନା ହୋଇଥିଲା। ଜିଲାରେ ବାଲ୍ୟ ବିବାହ, ମୋ ଗେହ୍ଲା ଝିଅ, ଶିଶୁ ଶ୍ରମିକ ରୋକିବା ଆଦ ସମ୍ପର୍କରେ ବ୍ୟାପକ କରିବାକୁ ସିଡିପିଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ସ୍ଥାନରେ ମିଶନ ଶକ୍ତି ଗୃହ କାମ ଶେଷ ହୋଇଛି ତୁରନ୍ତ ମହିଳା ସ୍ୱୟଂ ସହାୟକ ସଂଘକୁ ହସ୍ତାନ୍ତର କରାଯିବ। ଉକ୍ତ ବୈଠକରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଶୁଭଶ୍ରୀ ପାତ୍ର, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ସାଧନା ଚନ୍ଦ୍ର ଦାସ, ମିଶନଶକ୍ତି ଡିପିସି ଶାସ୍ୱତ ରଥଙ୍କ ସମେତ ସିଡିପିଓମାନେ ଉପସ୍ଥିତ ଥିଲେ ।


ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ ।

## ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୬ ଡିଗ୍ରୀ ସେଲ୍‌ସିୟସ

ଜି.ଉଦୟଗିରି,୨୨।୧୨(ଡି.ଏନ.ଏ.)

କନ୍ଧମାଳ ଜିଲା ଜି.ଉଦୟଗିରି ସହର ୪ଦିନ ହେଲା ପ୍ରବଳ ଶୀତରେ ଥରୁଛି । ଗୁରୁବାର ଏଠାରେ ସର୍ବନିମ୍ନ ତାପମାତ୍ରା ୬ ଡିଗ୍ରୀ ସେଲସିୟସ ରହିଥିବା କୃଷି ପାଣିପାଗ ତାପମାପକ ଯନ୍ତ୍ର ଦାୟିତ୍ୱରେ ଥିବା ଅଧିକାରୀ କହିଛନ୍ତି। ସୋମବାର ଠାରୁ ପ୍ରବଳ ଶୀତ ଅନୁଭୂତ ହେଉଛି। ସୋମବାର ପାରଦ ୫ ଡିଗ୍ରୀ ସେଲସିୟସ ରହିଥିବା ବେଳେ ମଙ୍ଗଳବାର ୫.୫ ଡିଗ୍ରୀ ଓ ବୁଧବାର ୬.୪ ଡିଗ୍ରୀ ରେକର୍ଡ କରାଯାଇଥିଲା। ଗୁରୁବାର ୬ ଡିଗ୍ରୀ ରେକର୍ଡ କରାଯାଇଛି। ପ୍ରବଳ ଶୀତ ଯୋଗୁ ଜନଜୀବନ ପ୍ରଭାବିତ ହେଉଛି। ଅନ୍ୟପଟେ ଦୁଇ ଦିନ ପରେ ବଡ଼ଦିନ ପାଳନ ହେବ। ଏହା ପୂର୍ବରୁ ପ୍ରୀ–ଖ୍ରୀଷ୍ଟମାସ ପାଳନ ପାଇଁ ଚର୍ଚ୍ଚ ଗୁଡିକ ଉତ୍ସବମୁଖର ହୋଇ ଉଠିଛି। ସେପଟେ ଶୀତର ମଜା ନେବା ପାଇଁ ପର୍ଯ୍ୟଟକମାନଙ୍କ ଆସିବା ସଂଖ୍ୟା ବୃଦ୍ଧି ପାଇଛି।

**ସଂକ୍ଷେପରେ**

### ବଡ଼ଦିନ ପାଇଁ ନୃତ୍ୟ ଗୀତର ଆସର

ସୋରଡ଼ା, ୨୨।୧୨ (ଡି.ଏନ୍.ଏ): ବଡ଼ଦିନ ପାଳନ ଲାଗି ସାଲିମାଗୋଛା, ଗଉଡ଼ଗୋଠ,ମେରିକୋଟ, ଗାଜଲବାଡ଼ି, ସମ୍ପୁଲ୍ଲୀ, ଦାନ୍ତଲିଙ୍ଗି ଓ ସୋରଡ଼ାରେ ଆରମ୍ଭ ହୋଇଯାଇଛି ନୃତ୍ୟ ଗୀତର ଆସର। ଶାନ୍ତାକ୍ଲଜ ବେଶ ପୋଷାକ ତଥା ରଙ୍ଗ ବେରଙ୍ଗ ଟୋପି ପିନ୍ଧି ସନ୍ଧ୍ୟାରେ ପ୍ରତିଦିନ ସାହି ସାହି ବୁଲୁଛନ୍ତି ଶ୍ରଦ୍ଧାଳୁ। ସମସ୍ତଙ୍କୁ ସ୍ନେହ ପ୍ରଦାନ ସହ ମିଠା ବଣ୍ଟନ କରୁଛନ୍ତି। ପ୍ରତି ଘରମାନଙ୍କୁ ଆଲୋକ ମାଳାରେ ସଜା ଯାଇଛି। ୨୪ ତାରିଖ ମଧ୍ୟରାତ୍ରରେ ସମସ୍ତ ଚର୍ଚ୍ଚମାନଙ୍କରେ ସମାବେଶ, ପ୍ରାର୍ଥନା, ବଡ଼ଦିନ ପାଳନ ପାଇଁ ବ୍ୟବସ୍ଥା କରାଯାଇଛି। ସୋରଡ଼ା ଚର୍ଚ୍ଚ ପରିସରରେ ମଧ ବଡ଼ ପାଳନ ନିମନ୍ତେ ସବୁ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

### ଏନ୍‌ଏସି ଇଓଙ୍କ ବିଭିନ୍ନ ପ୍ରକଳ୍ପ ଅନୁଧ୍ୟାନ

ଗଞ୍ଜାମ,୨୨।୧୨(ଡି.ଏନ.ଏ.)-ଗଞ୍ଜାମ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ) ଅବିନାଶ ମିଶ୍ର ସହରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ମିଶନଶକ୍ତି ଗୃହ, କଲ୍ୟାଣ ମଣ୍ଡପ ଏବଂ ପାର୍କ ଆଦି କାମ ଅନୁଧ୍ୟାନ କରି ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡାଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ବଡ଼ ବଜାର ଭାରତୀ ବିଦ୍ୟାପୀଠରେ ୱାଟରଫଲ ଡିଜାଇନ କାମ ସମ୍ପୂର୍ଣ୍ଣ ହୋଇଥିବା ଯୋଗୁ ଇଓ ମିଶ୍ର ଖୁସି ବ୍ୟକ୍ତ କରିଥିଲେ। କନିଷ୍ଠ ଯନ୍ତ୍ରୀ ପଣ୍ଡାଙ୍କ ସମେତ ଭାଗ୍ୟଶ୍ରୀ ନାୟକ, ସୁମିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ୍ରୀଙ୍କ ଚିକିତ୍ସା ଲାଗି ସହାୟତା

ଆସିକା,୨୨।୧୨(ଡି.ଏନ.ଏ.)-ଆସିକା ବ୍ଲକ କର୍ଣ୍ଣୋଳି ପଞ୍ଚାୟତ ଅନ୍ତର୍ଗତ ଖଣ୍ଡଦେଉଳି ଗ୍ରାମରେ ରକ୍ତ କର୍କଟ ରୋଗରେ ପୀଡ଼ିତା ଛାତ୍ରୀ ସ୍ମିତାରାଣୀ ପୋଲାଇଙ୍କୁ ଜିଲା ରେଡକ୍ରସ ପକ୍ଷରୁ ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି । ଗୁରୁବାର ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରା ଛାତ୍ରୀଙ୍କ ଘରେ ପହଞ୍ଚି ପ୍ରାଥମିକ ଚିକିତ୍ସା ନିମନ୍ତେ ରେଡକ୍ରସରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି । ଏଥିସହ ପିତୃହୀନା ଗରିବ ପରିବାରର ଏହି ଛାତ୍ରୀଙ୍କୁ ଅଧିକ ଚିକିତ୍ସା ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଲାଗି ଆବେଦନ କରିବା ନିମନ୍ତେ ତହସିଲଦାର ସାମନ୍ତରା ପରାମର୍ଶ ଦେଇଛନ୍ତି।

### ଶିକ୍ଷାନୁଷ୍ଠାନରେ ପ୍ରି-ଖ୍ରୀଷ୍ଟମାସ

ଜି.ଉଦୟଗିରି,୨୨।୧୨(ଡି.ଏନ.ଏ.) ଶ୍ରୀରାମପଦା ସ୍ଥିତ ଗୁଡ୍ ସେଫର୍ଡ଼ ଇଂଲିଶ ମାଧମ ବିଦ୍ୟାଳୟରେ ପ୍ରି-ଖ୍ରୀଷ୍ଟମାସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ କୁନାଲ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ପରିଷଦ ଉପାଧକ୍ଷା ସାଧବାଣୀ ନାୟକ, ଏନ୍‌ଏସି ଅଧକ୍ଷା ଭାନୁପ୍ରଭା ମିଶ୍ର ଓ ୪ନଂ. ୱାର୍ଡ଼ କାଉନସିଲର ମୋନାଲିସା ନାୟକ ଯୋଗଦେଇଥିଲେ। ପାଳକ ଦୀନବନ୍ଧୁ ନାୟକ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିନର ଉଦ୍ଦେଶ୍ୟ ଓ ମହତ୍ୱ ବିଷୟରେ ବର୍ଣ୍ଣନା କରିଥିବା ବେଳେ ଏନଏସି ଅଧକ୍ଷା ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରେମ, କ୍ଷମା ଓ ତ୍ୟାଗ ସମ୍ପର୍କରେ କହିଥିଲେ। ଏହି ଅବସରରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟ ଗଣିତ ଦିବସ, ପାଠଚକ୍ର

ଚିକିଟି/ଆସିକା,୨୨।୧୨(ଡି.ଏନ.ଏ.)

ଚିକିଟିଗଡ଼ସ୍ଥିତ ମହାବିଦ୍ୟାଳୟ ପରିସରରେ ଗଣିତ ବିଭାଗ ତରଫରୁ ବିଶିଷ୍ଟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜଙ୍କ ଜନ୍ମତିଥି ଅବସରରେ ଜାତୀୟ ଗଣିତ ଦିବସ ଓ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାରେ କଲେଜ ଅଧକ୍ଷ ଡକ୍ଟର ଭବାନୀ ପ୍ରସାଦ ପଣ୍ଡା ପୌରୋହିତ୍ୟ କରି ଗଣିତଶାସ୍ତ୍ର ଯୋଗୁ ବିଶ୍ୱର ବୈଷୟିକ ଜ୍ଞାନକୌଶଳର ବିକାଶ ସାଧିତ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ନିଷ୍ଟ ଯାନ୍ତ୍ରିକ ମହାବିଦ୍ୟାଳୟର ପ୍ରଫେସର ଡକ୍ଟର ସୁବ୍ରତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଧୁନିକ ଜୀବନ ନିର୍ବାହ ପଦ୍ଧତି ସରଳୀକରଣ ହୋଇପାରିଥିବା ବିଷୟରେ ଦୃଢୋକ୍ତି ପ୍ରକାଶ କରିଥିଲେ। ଗଣିତ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡକ୍ଟର ସନ୍ତୋଷ କୁମାର ବକ୍ସି ଏହି ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟାପକ ସୁନିଲ କୁମାର ପାଢ଼ି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଲିଙ୍କନ ପ୍ରଧାନ, ଦୀପକ ପ୍ରଧାନ, ମୁକେଶ ପ୍ରଧାନ ପ୍ରମୁଖ ବିଦ୍ୟାର୍ଥୀ ଗଣିତ ବିଷୟ ଭିତ୍ତିକ ପାଠଚକ୍ର ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏମ.ଶଙ୍କରଭ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲା ବେଳେ ଛାତ୍ରୀ ସ୍ୱେତା ପ୍ରଧାନ ସଭା ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ଡକ୍ଟର ପଦ୍ମିନୀ ରାଉଳ ଧନ୍ୟବାଦ୍ ଅର୍ପଣ କରିଥିଲେ।

ସେହିପରି ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ବିଶ୍ୱ ଗଣିତ ଦିବସ ପାଳିତ ହୋଇଥିଲା । ଅଧକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ କେଦାରନାଥ ପଣ୍ଡା, ଅଧ୍ୟାପକ ଡ. ଅଭୟକେଶରୀ ପରିଚ୍ଛାପଟ୍ଟନାୟକ, ଗଣିତ ବିଭାଗୀୟ ଅଧ୍ୟାପକ ଚିତ୍ରସେନ ବେହେରା ପ୍ରମୁଖ ଭାରତର ବିଶିଷ୍ଟ ଗଣିତ୍ୟଜ୍ଞ ଶ୍ରୀନିବାସ ରାମାନୁଜଙ୍କ ସ୍ମୃତିଚାରଣ କରିଥିଲେ । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଲାଗି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଥିଲା ।


ଚିକିଟିଗଡ଼ସ୍ଥିତ ମହାବିଦ୍ୟାଳୟ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

### ମହିଳା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ପାରଳାଖେମୁଣ୍ଡି,୨୨।୧୨(ଡି.ଏନ.ଏ.)

ପାରଳାଖେମୁଣ୍ଡି ସ୍ଥିତ ମହିଳା ମହାବିଦ୍ୟାଳୟରେ ଦଶମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଡ. ରୀନା ସାହୁ ଉଦଘାଟନ କରି ବିଦ୍ୟାର୍ଥୀଙ୍କ ଜୀବନରେ କ୍ରୀଡ଼ାର ଉପଯୋଗିତା ସମ୍ପର୍କରେ ଅବଗତ କରାଇଥିଲେ। ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଟିଙ୍ଗ ଦି ସଟ୍ ପ୍ରତିଯୋଗିତାରେ ଛାତ୍ରୀମାନଙ୍କ ସହ ମିଶି ତିନି ରାଉଣ୍ଡ ଖେଳି ଛାତ୍ରୀମାନଙ୍କୁ ଖେଳିବାର କୌଶଳ ଦେଖାଇଥିଲେ। କ୍ରୀଡା ପ୍ରଶିକ୍ଷିକା ବିଜୟଲକ୍ଷ୍ମୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟାପିକା ସୁଶ୍ରୀ ମଧୁସ୍ମିତା ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜୋନାଲସ୍ତରୀୟ କ୍ରୀଡ଼ା ମହୋତ୍ସବ

ବୁଗୁଡା,୨୨।୧୨(ଡି.ଏନ.ଏ.)

ବୁଗୁଡା ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମରେ ତିନୋଟି ବ୍ଲକକୁ ନେଇ ବୁଧବାର ଜୋନାଲ୍‌ସ୍ତରୀୟ କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କ୍ରୀଡ଼ା ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଇଓ କବିବର ପ୍ରଧାନ ଅଧକ୍ଷତା କରିଥିବା ବେଳେ ଏଥିରେ ବୁଗୁଡା ବ୍ଲକ ଅଧକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, ଉପାଧକ୍ଷା ଗୀତାଞ୍ଜଳି ପାଢ଼ୀ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନୋରଞ୍ଜନ ଦାଶ, ନୀଳମାଧବ ଆଚାରୀ ଓ ସୁଧାଂଶୁ ଶେଖର ପାଢ଼ୀ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ବୁଗୁଡା, ପୋଲସରା ଓ ଜଗନ୍ନାଥପ୍ରସାଦ ବ୍ଲକର ମୋଟ ୨୫୪ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାଗୁଡିକୁ କ୍ରୀଡ଼ା ଶିକ୍ଷକ କ୍ରିଷ୍ଣାରାଓ ପାତ୍ର, ଜ୍ଞାନ ରଞ୍ଜନ ଜାଲି, ବିଭୂତି ଭୂଷଣ ପ୍ରଧାନ, ଗୋପାଳ ଚନ୍ଦ୍ର ପାତ୍ର, କବିରାଜ ସାହୁ ଏବଂ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାନ୍ତ, ରାଜଲକ୍ଷ୍ମୀ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଉକ୍ତ କ୍ରୀଡା ମହୋତ୍ସବର ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୁଗୁଡ଼ା ବିଡ଼ିଓ ବାସୁଦେବ ନାୟକ, ସମ୍ମାନିତ ଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗିରଥି ସ୍ୱାଇଁ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ପଦକ ପ୍ରଦାନ କରିଥିଲେ। ଶେଷରେ ବ୍ଲକ୍ କ୍ରୀଡା ସଂଗଠନର ସମ୍ପାଦକ ବିଶ୍ୱେଶ୍ୱର ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ଲାୟନ୍ସ କ୍ଲବ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ


ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଉଛି।

ଦାରିଙ୍ଗବାଡ଼ି/ସୋରଡ଼ା, ୨୨।୧୨(ଡି.ଏନ୍.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ଭ୍ରମରବାଡ଼ି ପଞ୍ଚାୟତ ଅଞ୍ଚଳରେ ସୋରଡ଼ା ଲାୟନ୍ସ କ୍ଲବ ପକ୍ଷରୁ ୨୭୦ଜଣଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଏଥିରେ କ୍ଲବର ସଭାପତି ସୀତାରାମ ପଣ୍ଡାଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ବିଧାୟକ ସାଲୁଗା ପ୍ରଧାନ, ରାଜ୍ୟ ବିହନ ନିଗମ ଅଧକ୍ଷ ତଥା କନ୍ଧମାଳ ଜିଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନ, ଦାରିଙ୍ଗବାଡି ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ, ସୋରଡ଼ା ଏନ୍‌ଏସି ଅଧକ୍ଷ ତଥା କ୍ଲବ ସଦସ୍ୟ ଶିବଶଙ୍କର ପଣ୍ଡା, ସନ୍ତୋଷ ଚୌଧୁରୀ, ସୁରଜ କୁମାର ପାତ୍ର, ମହେଶ୍ୱର ସାହୁ, ବିଜୟ ସାହୁ, ଶିବ ପ୍ରସାଦ ଦାସ, ଗଣେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅସହାୟ, ବୃଦ୍ଧା ବୃଦ୍ଧ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଭ୍ରମରବାଡ଼ି ପଞ୍ଚାୟତର କଲେଙ୍ଗବାଡିଠାରେ ବିଧାୟକଙ୍କ ପାଣ୍ଠିରୁ ୩ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ କରାଯାଇଥିବା ଏକ ଚର୍ଚ୍ଚ ଗୃହକୁ ବିଧାୟକ ସାଲୁଗା ପ୍ରଧାନ ଓ ଅନ୍ୟମାନେ ଉଦ୍‌ଘାଟନ କରିଥିଲେ। ଏଥିରେ ସିଏନ୍‌ଆଇର ମୋଡରେଟର ତଥା ବିଶପ ବିଜୟ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ସେହିପରି ବୁଧବାର ଗାଜଲବାଡ଼ି ପଞ୍ଚାୟତ ଆଦିବାସୀ ବହୁଳ ଜଙ୍ଗଲ ଅଞ୍ଚଳ ରାମନାମବାଡ଼ି ଯଜ୍ଞେଶ୍ୱର ମନ୍ଦିର ପରିସରରେ ଓ ଗୁରୁବାର ଦାରିଙ୍ଗବାଡ଼ି ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ୪୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାରଙ୍କୁ କମ୍ବଳ, ପୋଷାକ ସହ ରନ୍ଧାଖାଦ୍ୟ ବଣ୍ଟନ କରଯାଇଥିଲା । ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଏନ୍‌ଏସି ଅଧକ୍ଷ ଶିବଶଙ୍କର ପଣ୍ଡା,ଜିଲା ପରିଷଦ ରାଜେଶ ସାହୁ, ସରପଞ୍ଚ ତ୍ରିଲୋଚନ ସାହୁ ସମେତ ବହୁ କ୍ଲବ ସଦସ୍ୟ ଯୋଗଦେଇଥିଲେ ।

### ଚୋରି ମାମଲା, ଅଭିଯୁକ୍ତଙ୍କୁ କାରାଦଣ୍ଡ

ଆସିକା,୨୨।୧୨(ଡି.ଏନ.ଏ.)

ଆସିକା ଏନ୍‌ଏସି ଅଞ୍ଚଳରେ ଗତ ଅଗଷ୍ଟ ୧ ତାରିଖରେ ହୋଇଥିବା ଏକ ଚୋରି ମାମଲାର ବିଚାର କରି ଗୁରୁବାର ଆସିକାର କନିଷ୍ଠ ଦେୱାନୀ ବିଚାରପତି ସମାପିକା ସମଦର୍ଶିନୀ ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୩ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୨ମାସ ସଶ୍ରମ କାରାଦଣ୍ଡ ଲାଗି ଆଦେଶ ଦେଇଛନ୍ତି। ସେହିପରି ମାମଲାର ଅନ୍ୟ ଏକ ଦଫାରେ ଅଦାଲତ ଅଭିଯୁକ୍ତଙ୍କୁ ୭ମାସ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଆସିକା ଥାନା ଅନ୍ତର୍ଗତ ଦେବଭୂମି ଗ୍ରାମର ବାବୁଲା ନାହାକ (୩୫) । ଗତ ଅଗଷ୍ଟ ୧ ତାରିଖ ସନ୍ଧ୍ୟାରେ ଆସିକା ହାଟପଦା ନିକଟରେ କଂସାବାସନ ବ୍ୟବସାୟ କରୁଥିବା ହରିହର ରେଡ୍ଡୀଙ୍କ ଦୋକାନ ସଂଲଗ୍ନ ଘରେ ଅଭିଯୁକ୍ତ ବାବୁଲା ପଶି ୧ ଲକ୍ଷ ୧୮ ହଜାର ଟଙ୍କା ଓ ବହୁ ପରିମାଣର ସୁନା ଅଳଙ୍କାର ଲୁଟି ନେଇଥିଲେ। ଏହି ମାମଲାରେ ସରକାରଙ୍କ ପକ୍ଷରୁ ବି. ମୋହନରାଓ ଦୋରା ମାମଲା ଲଢୁଥିଲେ । ଅଭିଯୁକ୍ତ ଜଣକ ଏବେ ବିଚାରଧୀନ ବନ୍ଦୀ ଭାବେ ରହିଛନ୍ତି ।

## ଶିକ୍ଷା ହେଉଛି ବିକାଶର ଚାବିକାଠି: ଶ୍ରମମନ୍ତ୍ରୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର

ପୋଲସରା,୨୨।୧୨(ଡି.ଏନ.ଏ.)

ପୋଲସରା ସରସ୍ୱତୀ ଶିଶୁ ମନ୍ଦିରର ଦ୍ୱାବିଂଶତମ ବାର୍ଷିକ ଉତ୍ସବ ଗୁରୁବାର ଅତିରିକ୍ତ ପ୍ରଧାନାଚାର୍ଯ୍ୟ ଉପେନ୍ଦ୍ର ନାଥ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ହେଉଛି ବିକାଶର ଚାବିକାଠି ବୋଲି କହିଥିଲେ। ଶିଶୁ ବିଦ୍ୟା ମନ୍ଦିରର ସମ୍ପାଦକ ଅରୁଣ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ରୂପେ ଶିଶୁ ବିଦ୍ୟା ମନ୍ଦିରର ଅଧକ୍ଷ ବିଭୂତି ଭୂଷଣ ପାତ୍ର, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶାନ୍ତନୁ କୁମାର ମାଝି ଓ ସମ୍ପାଦକ ଅରୁଣ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ବିଭିନ୍ନ ପ୍ରାୟୋଜିତ କାର୍ଯ୍ୟକ୍ରମରେ ଉତ୍ତିର୍ନ୍ନ ହୋଇଥିବା ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ମନ୍ତ୍ରୀ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶିଶୁ ବିଦ୍ୟା ମନ୍ଦିରର ଉନ୍ନୟନ ମୂଳକ କାର୍ଯ୍ୟ ଏବଂ ଶିକ୍ଷାର ବିକାଶ ପାଇଁ ବିଧାୟକ ପାଣ୍ଠିରୁ ୨ ଲକ୍ଷ ଟଙ୍କା ପ୍ରଦାନ କରିବେ ବୋଲି ସେ ଘୋଷଣା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବୁଦ୍ଧଖୋଲରେ ପିପୁଲ୍ସ ହାଇସ୍କୁଲର ବନ୍ଧୁମିଳନ

ବୁଗୁଡ଼ା,୨୨।୧୨(ଡି.ଏନ.ଏ.)

ବୁଗୁଡା ନିକଟସ୍ଥ ଐତିହାସିକ ଶୈବପୀଠ ବୁଦ୍ଧଖୋଲଠାରେ ସ୍ଥାନୀୟ ପିପୁଲ୍ସ ହାଇସ୍କୁଲର ୧୯୭୨ ମାଟ୍ରିକ ବ୍ୟାଚ୍ ଛାତ୍ରଙ୍କ ଏକ ବିରଳ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୟୋଜ୍ୟେଷ୍ଠ ଛାତ୍ର ଦୁଃଖିଶ୍ୟାମ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ତତ୍କାଳୀନ ଛାତ୍ର ଓ ସେମାନଙ୍କ ପରିବାର ଯୋଗ ଦେଇ ଅତୀତର ସ୍ମୃତି ଚାରଣ କରିଥିଲେ। ପରିଣତ ବୟସର ଏହି ବନ୍ଧୁମାନେ ପ୍ରଥମେ ବୁଗୁଡ଼ାର ଅର୍କ ପୀଠ ବିରଞ୍ଚି ନାରାୟଣ ଓ ବଳଦେବଙ୍କ ପୀଠରେ ଏକାଠି ହୋଇ ଏକ ଶୋଭାଯାତ୍ରାରେ ବାହାରି ପିପୁଲ୍ସ ହାଇସ୍କୁଲରେ ପହଞ୍ଚି ନିଜ ଶ୍ରେଣୀ କକ୍ଷରେ କିଛି ସମୟ ଅତିବାହିତ କରି ଫେରିଥିଲେ। ଏହି ଅବସରରେ ପିପୁଲ୍ସ ହାଇସ୍କୁଲର ଶିକ୍ଷକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇ ଆଲୁମିନି ପକ୍ଷରୁ ଆସନ୍ତା ଶିକ୍ଷା ବର୍ଷ ଠାରୁ ବିଦ୍ୟାଳୟର ମାଟ୍ରିକ୍ ଟପ୍ପର ନିମନ୍ତେ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା। ବ୍ୟାଚର ଦିବଙ୍ଗତ ସମସ୍ତ ଶିକ୍ଷକ ଓ ୧୫ ଜଣ ସହପାଠୀଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରିଶେଷରେ ଧନ୍ୟବାଦ ପ୍ରଦାନ କରି ସମାବେଶର ପରିସମାପ୍ତି କରାଯାଇଥିଲା। ପ୍ରକାଶ ଯୋଗ୍ୟ ଯେ, ପିପୁଲ୍ସ ହାଇସ୍କୁଲର ପ୍ରାକ୍ତନ ଛାତ୍ର ତଥା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଶରତ ଚନ୍ଦ୍ର ମିଶ୍ରଙ୍କ ପ୍ରସ୍ତାବ ଏବଂ ପ୍ରମୋଦ କୁମାର ମହାନ୍ତି, କୈଳାସ ଚନ୍ଦ୍ର ଦାଶ, ଅମୂଲ୍ୟ ପରିଡ଼ା, ଅଭୟ ପ୍ରସାଦ ପାଣିଗ୍ରାହୀ, ଜୟକୃଷ୍ଣ ସାହୁ, ଅମୀୟ କୁମାର ଦାଶ, ଜି.ବାପୁଜୀ ପାତ୍ର, ଗୌରୀପତି ଦାଶ ପ୍ରମୁଖଙ୍କ ପରିଚାଳନାରେ ଏହି ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିଲା।



ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର।

### ଜରଡ଼ାରେ ଡାକ ମେଳା

ପାତ୍ରପୁର,୨୨।୧୨(ଡି.ଏନ.ଏ.)

ପାତ୍ରପୁର ବ୍ଲକ ଜରଡ଼ା ପାର୍ଥସାରଥୀ ମହନ୍ତ ରଘୁନାଥ ବିଦ୍ୟାପୀଠ ଠାରେ ଗୁରୁବାର ଡାକ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଡାକ ଅଧୀକ୍ଷକ ତାରିଣୀ ଚରଣ ପାଢୀ ସଭାପତିତ୍ୱ କରିଥିବା ବେଳେ ସରପଞ୍ଚ ତିଳ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ମ୍ୟାନେଜର ବିଷ୍ଣୁ ପ୍ରସାଦ ରଥ, ନାଏବ ସରପଞ୍ଚ ମାଧବ ବାଡତ୍ୟା, ଡାକ ନିରୀକ୍ଷକ ଗଙ୍ଗା ନାରାୟଣ ମହାଲିକ, ରଜନୀ ପାଢ଼ୀ, ରୁଦ୍ର ଶଙ୍କର ସାହୁ ଓ ବିନୟ ନାୟକ ପ୍ରମୁଖ ମଞ୍ଚାସୀନ ରହି ଅଭିଭାଷଣ ଦେଇଥିଲେ। ବିପିଏମ ସୁରଜିତ ପାଢୀ, ଅଶୋକ ପଣ୍ଡା ସହଯୋଗ କରିଥିଲେ। ଦିଗପହଣ୍ଡି ସବ ଡ଼ିଭିଜନର ସମସ୍ତ ଗ୍ରାମୀଣ ଡାକ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ କାର୍ଯ୍ୟ ଦକ୍ଷତା ପାଇଁ କେତେଜଣ କର୍ମଚାରୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ଦେଇ ସମ୍ମାନିତ କରିଥିଲେ।

## ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନକୁ ଭାଜପାର ସମର୍ଥନ



ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନରେ ଭାଜପା ଯୁବମୋର୍ଚ୍ଚାର ସଦସ୍ୟ ସାମିଲ ହୋଇଛନ୍ତି।

ଫୁଲବାଣୀ ଅଫିସ, ୨୨।୧୧

ଦୀର୍ଘ ଏକ ମାସରୁ ଉର୍ଦ୍ଧ୍ୱ ସମୟ ଧରି ସାରା ରାଜ୍ୟର ବିଭିନ୍ନ ବ୍ଲକ, ଜିଲା ଏବଂ ରାଜଧାନୀ ଭୁବନେଶ୍ୱରଠାରେ ୮ଦଫା ଦାବି ନେଇ ଅଙ୍ଗନବାଡ଼ି କର୍ମୀମାନଙ୍କ ପକ୍ଷରୁ ଆନ୍ଦୋଳନ ଜାରିରହିଛି। ଫୁଲବାଣୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡ଼ି କର୍ମୀମାନଙ୍କ ଦ୍ୱାରା ଚାଲିଥିବା ଆନ୍ଦୋଳନ ଗୁରୁବାର ୩୧ଦିନରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନକୁ ସମର୍ଥନ କରାଯାଇଛି। ଯୁବ ମୋର୍ଚ୍ଚା ଜିଲା ସଭାପତି ଗୋଲକ ବିହାରୀ କହଁର, ପ୍ରଭାରୀ ନାରାୟଣ କର୍ମୀ, ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ସାହୁ ଆନ୍ଦୋଳନରେ ଯୋଗଦେଇଛନ୍ତି। ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ରାଜକିଶୋର ପ୍ରଧାନ, ଟ+ଗାଳକ ମଲିକ, ଗୋଲକ ପ୍ରଧାନ, ଶୁଶିଲ କହଁର, ବିରେନ୍ଦ୍ର କହଁର, ଅରବିନ୍ଦ ପଟ୍ଟନାୟକ, ଦେବାଶିଷ ସାହାଣୀ ପ୍ରମୁଖ ସାମିଲ ହୋଇଥିଲେ ।

## ସଂକ୍ଷେପରେ

### ପାନୀୟ ଜଳ କେନ୍ଦ୍ର ଲୋକାର୍ପିତ

ବଲସକୁମ୍ପା,୨୨।୧୨-ଖଜୁରୀପଡ଼ା ବ୍ଲକ ମୁଖ୍ୟାଳୟରେ ଗୁରୁବାର ୪ଟି ଶୁଦ୍ଧ ପାନୀୟ ଜଳ କେନ୍ଦ୍ର ଲୋକାର୍ପିତ ହୋଇଯାଇଛି। ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଆମ୍ବେଦକର ଉଚ୍ଚ ମାଧମିକ ବିଦ୍ୟାଳୟ ଏବଂ ଖଜୁରିପଡ଼ା ଯାତ୍ରିବିଶ୍ରାମାଗାରଠାରେ ପଞ୍ଚାୟତ ସମିତି ଅଧକ୍ଷା ଅନିମା କହଁର ଉଦଘାଟନ କରିଛନ୍ତି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଲିଲ କୁମାର ଦାସ, ଜିଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ, ସରପଞ୍ଚ ମନୋରଞ୍ଜନୀ ଯାନୀ, ଉପାଧକ୍ଷ ଅମିତ କୁମାର ଦିଗାଲ, ଆତାସିପଡା ସମିତି ସଭ୍ୟା ସୁଷମା ନନ୍ଦ, ବଲସକୁମ୍ପା ସମିତିସଭ୍ୟ ବିବାନ ଗଣ୍ଡାଙ୍କ ସହ ସମିତିସଭ୍ୟ, ସରପଞ୍ଚ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

### କୋଦଳାରେ ଭାଜପା ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ସଦସ୍ୟା

ବେଗୁନିଆପଡ଼ା,୨୨।୧୨-ମହିଳାଙ୍କ ପାଇଁ ପ୍ରଚଳିତ କେନ୍ଦ୍ରୀୟ ଯୋଜନା କିଭଳି ଚାଲିଛି ତାହାର ତଦାରଖ କରିବା ସହ ମହିଳାଙ୍କୁ ସଚେତନତା କରାଇବା ଉଦ୍ଦେଶ୍ୟରେ ଗଞ୍ଜାମ ଘୁମୁସର ସାଙ୍ଗଠନିକ ଜିଲା ଗସ୍ତରେ ଆସିଛନ୍ତି ରାଷ୍ଟ୍ରୀୟ ମହିଳା ଭାଜପା ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟା ମାଧବୀ ଭୁଟା। ଗୁରବାର ଅପରାହ୍ନରେ ବେଗୁନିଆପଡ଼ା ବ୍ଲକର କୋଦଳା ପହଞ୍ଚିବା ପରେ ତାଙ୍କୁ ଏନଏସି ଅଧକ୍ଷ ସୂର୍ଯ୍ୟନାରାୟଣ ନାୟକ ଏବଂ ବହୁ ଭାଜପା କର୍ମକର୍ତ୍ତା ସମ୍ବର୍ଦ୍ଧନା ଜଣାଇଥିଲେ। ଏହାପରେ କୋଦଳା କଳିଙ୍ଗ ବୈଶ୍ୟ ଭବନଠାରେ ମହିଳା ଗୋଷ୍ଠୀମାନଙ୍କୁ ନେଇ ଏକ ସାଧାରଣ ବୈଠକ କରିଥିଲେ ଭୁଟା। ଏଥିରେ କୋଦଳା ଏନ୍ଏସିର ବିଭିନ୍ନ ୱାର୍ଡରୁ ମହିଳାମାନେ ଯୋଗ ଦେଇଥିବା ବେଳେ ବହୁ ମହିଳା ହିତାଧିକାରୀମାନଙ୍କ ସହ ଆଲୋଚନା ହୋଇଥିଲା। ଭାଜପା ରାଜ୍ୟ ଉପସଭାପତି ଅନୀତା ଶୁଭଦର୍ଶନୀ, ଘୁମୁସର ଭାଜପା ସଭାପତି ଗୋକୁଳାନନ୍ଦ ମଲ୍ଲିକ, କବିସୂର୍ଯ୍ୟନଗର ବିଧାୟକ ପ୍ରାର୍ଥୀ ରଞ୍ଜନ ପଲେଇ, କୋଦଳା ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକ, ଘୁମୁସର ସାଙ୍ଗଠନିକ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମଧୁସ୍ମିତା ପଲେଇ, ମହିଳା ମୋର୍ଚ୍ଚା ପ୍ରଭାରୀ କସ୍ତୁରୀ ମିଶ୍ର, ସୋରଡ଼ା ବିଧାୟକ ପ୍ରାର୍ଥୀ ନୀଳମଣି ବିଷୋୟୀ, ଘୁମୁସର ସାଂଗଠନିକ ଜିଲା ସମ୍ପାଦକ ଜଙ୍କ ନାରାୟଣ ଦାଶ, କୋଦଳା ମଣ୍ଡଳ ସଭାପତି ମଧୁସୁଦନ ଜେନା, କୋଦଳା ଉପାଧକ୍ଷା ରଞ୍ଜିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆଞ୍ଚଳିକ ଗୃହ ଉଦ୍‌ଘାଟିତ

ଆର.ଉଦୟଗିରି,୨୨।୧୨(ଡି.ଏନ୍.ଏ.)-ଗଜପତି ଜିଲା ମୋହନା ବ୍ଲକ ଚୁଡୁଙ୍ଗପୁର ଅନ୍ତର୍ଗତ ଗୁମିଗୁଡାଠାରେ ଗୁରୁବାର ମୋହନା ବ୍ଲକ ଅଧକ୍ଷ ରଞ୍ଜୀବ ଶବର ଓ ବିଜେଡି ନେତା ଜଗବନ୍ଧୁ ଦାସ ଆଞ୍ଚଳିକ ଗୃହ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟବକ୍ତା ଭାବେ ନୂଆଗଡ଼ ଧର୍ମଗୁରୁ ଉପେନ୍ଦ୍ର ପରିଚ୍ଛା, ମୁଖ୍ୟ ଅତିଥି ଭାବେ ମୋହନା ବ୍ଲକ୍ ଅଧକ୍ଷ ରଞ୍ଜୀବ ଶବର, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ପୂର୍ବତନ ଜିଲା ପରିଷଦ ସଭ୍ୟ, ଗୁମିଗୁଡା ଏରିଆ ମଣ୍ଡଳୀର ସମସ୍ତ ଚାଳକ, ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଧକ୍ଷ ଏବଂ ସାମାଜିକକର୍ମୀ ଦୁହେଁ ମୋହନା ବ୍ଲକର ଦୁର୍ଗମ ଅଞ୍ଚଳ ବୁଲି ଗରିବ ଖଟିଖିଆ ଲୋକଙ୍କ ଅଭାବ ଅସୁବିଧା ବୁଝି ସମାଧାନ କରିବା ନିମନ୍ତେ ଚେଷ୍ଟା କରୁଥିବାରୁ ସାଧାରଣ ଲୋକ ଖୁସିବ୍ୟକ୍ତ କରିଛନ୍ତି।

# ପଲ୍ଲିଶ୍ରୀ ମେଳା ପାଇଁ ୨୫୦ ଷ୍ଟଲ

## ଚୂଡ଼ାନ୍ତ ପର୍ଯ୍ୟାୟରେ ବେଳାଭୂମି ମହୋତ୍ସବ ପ୍ରସ୍ତୁତି

ଗୋପାଳପୁର,୨୨।୧୨(ଡି.ଏନ୍.ଏ)

ଗୋପାଳପୁର ବେଳାଭୂମି ମହୋତ୍ସବ ଆସନ୍ତା ଶନିବାରଠାରୁ ଆରମ୍ଭ ହେବ। ୫ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ମଞ୍ଚ ଗଞ୍ଜାମ ଜିଲା ସମେତ ଜାତୀୟ ଓ ରାଜ୍ୟସ୍ତରୀୟ କଳାକାରଙ୍କ ଦ୍ୱାରା ଦୁଲୁକିବ। ଏ ନେଇ ଲଗାତାର ଜିଲା ପ୍ରଶାସନ ପକ୍ଷରୁ ଗଞ୍ଜାମ ଜିଲାପାଳ, ବ୍ରହ୍ମପୁର ଏସ୍‌ପି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ମହୋତ୍ସବ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ମହୋତ୍ସବ ନେଇ ମଞ୍ଚ ଓ ପଲ୍ଲିଶ୍ରୀ ମେଳା ନିମନ୍ତେ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପଲ୍ଲିଶ୍ରୀ ମେଳାରେ ୨୫୦ଟି ଷ୍ଟଲ ରହିବ। ଏଥିନିମନ୍ତେ ପଞ୍ଜୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ବିଭିନ୍ନ ଜିଲାର ଏସ୍‌ଏଚ୍‌ଜିଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରି ହେବ। ପ୍ରତି ଷ୍ଟଲ ପିଛା ୧୫ ହଜାରରୁ ୨୫ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଏଥିସହ ୩୦ରୁ ୪୦ଟି ଖାଦ୍ୟ ଷ୍ଟଲ ଖୋଲାଯିବ। ଜନସାଧାରଣଙ୍କ ସମାଗମକୁ ଦୃଷ୍ଟିରେ ରଖି ୩୨ଟି କ୍ୟାମେରା ଖଞ୍ଜାଯାଇଛି। ସିସିଟିଭି ପାଇଁ ୩ଟି କଣ୍ଟ୍ରୋଲ ରୁମ ଖୋଲାଯିବ। ପୁରୁଣା କାନ୍ଥରେ ଭିନ୍ନ ଭିନ୍ନ କଳାକୃତି ଚିତ୍ର ଆରମ୍ଭ ହୋଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଶେଷଜ୍ଞମାନେ ମତ ଦେଇଛନ୍ତି।



ପ୍ରସ୍ତୁତ ହେଉଥିବା ଦର୍ଶକ ଗାଲେରୀ।

# ଶିଶୁକନ୍ୟା ବଳାତ୍କାରୀଙ୍କୁ ୨୫ ବର୍ଷ ଜେଲ

ଫୁଲବାଣୀ ଅଫିସ, ୨୨।୧୨

ଏକ ଶିଶୁକନ୍ୟା ବଳାତ୍କାର ମାମଲାର ବିଚାର କରି ଫୁଲବାଣୀ ପୋକ୍‌ସୋ କୋର୍ଟ ସ୍ୱତନ୍ତ୍ର ବିଚାରପତି ସଞ୍ଜିତ କୁମାର ବେହେରା ଅଭିଯୁକ୍ତଙ୍କୁ ଗୁରୁବାର ୨୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ତାଙ୍କୁ ୨୨ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ଦେଢ଼ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ସରକାରଙ୍କ ନିୟମ ଅନୁସାରେ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୬ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ଗଣେଶ ବେହେରାଦଳାଇ ଓରଫ ଲିଟୁ (୨୮) । ୨୦୨୦ ଜାନୁୟାରୀ ୨୬ ତାରିଖ ସକାଳେ ୫ବର୍ଷୀୟା ଶିଶୁକନ୍ୟା ଜଣକ ଘର ସମ୍ମୁଖରେ ଖେଳୁଥିଲେ। ଏହି ସମୟରେ ଗଣେଶ ତାଙ୍କୁ ବରା କିଣି ଦେବି କହି ଉଠାଇ ନେଇ ନିକଟସ୍ଥ ଜଙ୍ଗଲ ବୁଦା ମୂଳେ ବଳାତ୍କାର କରିଥିଲେ। ଶିଶୁକନ୍ୟା ପାଟି କରିବାରୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଘଟଣାଦିନ ସ୍କୁଲରେ ସାଧାରଣତନ୍ତ୍ର ପାଳନ ସାରି ଛାତ୍ରୀଛାତ୍ରମାନେ ଘଟଣାସ୍ଥଳ ଦେଇ ଘରକୁ ଫେରୁଥିବା ବେଳେ ପୀଡିତା ଶିଶୁକନ୍ୟାଙ୍କୁ ଆଣି ତାଙ୍କ ମା'ଙ୍କୁ ହସ୍ତାନ୍ତର କରିଥିଲେ। ପୀଡ଼ିତାଙ୍କ ମା' ଏ ନେଇ ବ୍ରାହ୍ମଣୀଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୯/୨୦ରେ ମାମଲା ରୁଜୁ କରି ଗଣେଶଙ୍କୁ ଗିରଫ କରିଥିଲା । ଏହି ମାମଲାରେ ବିଚାରପତି ମୋଟ ୧୪ଜଣଙ୍କ ସାକ୍ଷ୍ୟ ପ୍ରମାଣ, ମେଡିକାଲ ରିପୋର୍ଟ ଏବଂ ଅନ୍ୟାନ୍ୟ ତଥ୍ୟକୁ ଆଧାର କରି ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ କୁମାର ପ୍ରହରାଜ ମାମଲା ପରିଚାଳନା କରୁଥିଲେ ।



ଅଭିଯୁକ୍ତ ଗଣେଶ ବେହେରାଦଳାଇ।

### ପଞ୍ଚାୟତ କାର୍ଯ୍ୟ ସମୀକ୍ଷା କଲେ ବିଡିଓ

ଶେରଗଡ଼, ୨୨।୧୨(ଡି.ଏନ୍.ଏ.)

ଶେରଗଡ଼ ପଞ୍ଚାୟତ ବୈଠକରେ ବିଡିଓ ଶିବାଶିଷ ବରାଳ ଯୋଗଦେଇ ପଞ୍ଚାୟତ କାର୍ଯ୍ୟ ସମୀକ୍ଷା କରିଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭୟ କୁମାର ସାହୁଙ୍କ ସଂଯୋଜନା କରିଥିଲେ। ପ୍ରତି ଗ୍ରାମର ପାଣି, ଆଲୁଅ, ପରିବେଶ ପ୍ରତି ପଞ୍ଚାୟତ ତୀକ୍ଷଣ ନଜର ରଖିବା ସହ ଲୋକଙ୍କ ସୁବିଧା ଅସୁବିଧା ବୁଝିବାକୁ ପରାମର୍ଶ ଦେଇଥିଲେ। ସରକାରୀ ଯୋଜନା ସଫଳ ଭାବେ କାର୍ଯ୍ୟକାରୀ ହେଉଛି କି ନାଁ ସଭ୍ୟସଭ୍ୟାମାନେ ତଦାରଖ କରିବାକୁ କହିଥିଲେ। ଉକ୍ତ ବୈଠକରେ ସମିତି ସଭ୍ୟ ସବିତାରାଣୀ ଚୌଧୁରୀଙ୍କ ସମେତ ସମସ୍ତ ୱାର୍ଡସଭ୍ୟ ଓ ଗ୍ରାମବାସୀ ଯୋଗ ଦେଇଥିଲେ।

### କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟର ବାର୍ଷିକୋତ୍ସବ

ବାଲିଗୁଡା,୨୨।୧୨ (ଡି.ଏନ୍.ଏ.)

କନ୍ଧମାଳ ଜିଲା ରାଇକିଆସ୍ଥିତ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ପ୍ରିତମ ପ୍ରଧାନ, ମୁଖ୍ୟବକ୍ତା ଭାବେ ମଣ୍ଡାସରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସିଂହ ଯୋଗଦେଇଥିବା ବେଳେ ଜିଲା ମଙ୍ଗଳ ଅଧିକାରୀ ସୀମାଞ୍ଚଳ ବେହେରା ସଭାପତିତ୍ୱ କରିଥିଲେ। ଭାରପ୍ରାପ୍ତ ଅଧକ୍ଷ ଜଗଦିଶ ମହାକୁଡ ସଭା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଜଗତ ଜୀବନ ବଗର୍ତ୍ତୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉର୍ମିଳା ପ୍ରଧାନ, ରାଇକିଆ କନ୍ୟାଶ୍ରମର ପ୍ରଧାନଶିକ୍ଷକ ଉମାଶଙ୍କର ସାମନ୍ତରାୟ, ଦଢ଼ିଙ୍ଗିଆ ସମିତି ସଭ୍ୟ ପ୍ରଦୀପ ପ୍ରଧାନ, ବେରେଡାକିଆ ସରପଞ୍ଚ ଅକ୍ଷୟ କୁମାର ପ୍ରଧାନ, ବିଦ୍ୟାଳୟର ସଭାନେତ୍ରୀ ସରସ୍ୱତୀ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧକ୍ଷ ଜଗଦିଶ ମହାକୁଡ ବିଦ୍ୟାଳୟର ପ୍ରଥମ ଚାରି ବର୍ଷର ଗୁରୁତ୍ୱପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ ଘଟଣା

# ତାର ବିଛାଇଥିବା ୩ ଅଭିଯୁକ୍ତ ଗିରଫ

## ବାଇକ୍, ତାର, ମୋବାଇଲ ଫୋନ ଜବତ

ବ୍ରହ୍ମପୁର ଅଫିସ,୨୨।୧୨

ବିଦ୍ୟୁତ୍ ଆଘାତରେ ଗତ ୧୨ ତାରିଖ ବିଳମ୍ବିତ ରାତିରେ ଜଣେ ଯୁବକ ଉମା ଚରଣ ବିଷୋୟୀଙ୍କ ମୃତ୍ୟୁ ଘଟଣାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ ବିଦ୍ୟୁତ୍ ଆଘାତରୁ ଯୁବକଙ୍କ ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଥିଲା। ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇଥିବାରୁ ବଉଳଝୋଳି ଗ୍ରାମର ଉମାଚରଣ ବିଷୋୟୀ(୨୬)ଙ୍କର ମୃତ୍ୟୁ ଘଟିଥିଲା। ଅପମୃତ୍ୟୁ ମାମଲା ଏବେ ହତ୍ୟା ମାମଲାରେ ରୂପାନ୍ତରିତ ହୋଇଛି। ପୋଲିସ ପତିତପାବନପୁର ଗ୍ରାମର ତ୍ରିନାଥ ଦାସ, ପଦରବାଲି ଗ୍ରାମର ବୁଦ୍ଧୁ ଓରଫ ସନିଆ ଦାସ ଓ କିଶୋର ଦାସଙ୍କୁ ଗିରଫ କରିଛି। ପୋଲିସ ସେମାନଙ୍କ ନିକଟରୁ ଏକ ବାଇକ, ଶିକାର ପାଇଁ ମହଜୁଦ ରଖିଥିବା ତାର ଓ ମୋବାଇଲ ଫୋନ ଇତ୍ୟାଦି ଜବତ କରିଛି। ଗୁରୁବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଉମାଚରଣ ଗୋଳନ୍ଥରାରେ ରହି ଟେଷ୍ଟ ହାଉସ କାମ କରନ୍ତି। ଗତ ୧୨ ତାରିଖ ବିଳମ୍ବିତ ରାତିରେ ତାଙ୍କ ପ୍ରେମିକା ଫୋନ କରି ଗ୍ରାମକୁ ଡାକିଥିଲେ। ହେଲେ ସେଠାରେ ସେ ବିଦ୍ୟୁତ୍ ଆଘାତରେ ଗୁରୁତର ହେବାରୁ ଅନ୍ୟ ଜଣେ ଝିଅ ଉମାଚରଣଙ୍କ ବାପା ନିରଞ୍ଜନଙ୍କୁ ଫୋନ କରି କହିଥିଲେ ଯେ, ତୁମ ପୁଅ ବିଦ୍ୟୁତ ତାର ଲାଗି ବଉଳଝୋଳି ନିକଟସ୍ଥ ଏକ କାଜୁ ତୋଟାରେ ଗୁରୁତର ଅବସ୍ଥାରେ ପଡ଼ିଛନ୍ତି। ନିରଞ୍ଜନ ଓ ଗ୍ରାମର କିଛି ଲୋକ ସେଠାରେ ପହଞ୍ଚି ଘଟଣା ସମ୍ପର୍କରେ ସଦର ଥାନା ପୋଲିସକୁ ଖବର କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଉମାଚରଣଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

# ବିଦ୍ୟୁତ୍ ବିଲ୍ ସଂଗ୍ରହକାରୀ ସଂଘର ଧାରଣା



ବିଦ୍ୟୁତ୍ ବିଲ୍ ସଂଗ୍ରହକାରୀମାନେ ଧାରଣା ଦେଇଛନ୍ତି।

ଛତ୍ରପୁର, ୨୨।୧୨ (ଡି.ଏନ.ଏ.)

ବକେୟା ଦରମା ପ୍ରଦାନ କରିବା ସମେତ ବିଭିନ୍ନ ଦାବି ନେଇ ଛତ୍ରପୁର ଜିଏନ୍‌ଇଡିର ସ୍ୱପ୍ନେଶ୍ୱର ବିଦ୍ୟୁତ ବିଲ୍ ସଂଗ୍ରହକାରୀ ସଂଘର ପ୍ରାୟ ୨୫ ଜଣ ସଦସ୍ୟ ଗୁରୁବାର ଛତ୍ରପୁରସ୍ଥିତ ଡାଟା ଇଞ୍ଜିନିୟର୍ସ ଗ୍ଲୋବାଲ ଲିମିଟେଡ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ସେମାନେ ଗତ ୭ ବର୍ଷ ହେଲା କାର୍ଯ୍ୟ କରି ଆସୁଛନ୍ତି। ସେମାନଙ୍କୁ ମାସିକ ୯୯୫୧ ଟଙ୍କା ଦିଆଯିବା ନିମନ୍ତେ ଧାର୍ଯ୍ୟ ହୋଇଥିଲା। କିନ୍ତୁ ବର୍ତ୍ତମାନ ସେମାନଙ୍କୁ ବିଦ୍ୟୁତ ବିଲ୍ ପିଛା ଟଙ୍କା ଦେବା ପାଇଁ ସ୍ଥିର କରିଛି, ଯାହାକୁ ସେମାନେ ବିରୋଧ କରିଛନ୍ତି । ଏହାସହ ପେଟ୍ରୋଲ ଖର୍ଚ୍ଚ ବାବଦକୁ ମାସିକ ୧୦୦୦ ଟଙ୍କା ଏବଂ ମୋବାଇଲ ବାବଦକୁ ମାସିକ ୨୫୦ ଟଙ୍କା ଦେବା ପାଇଁ ଦାବି କରିଛନ୍ତି । ଏନେଇ ସେମାନେ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇଥିଲେ ମଧ୍ୟ ସୁଫଳ ନ ମିଳିବାରୁ ସେମାନେ ଧାରଣାରେ ବସିଛନ୍ତି । ଏହି ଧାରଣାରେ ଏମ. କୁମାର ନାୟକ, ନୀଳମାଧବ ରାଓ, କାଶୀନାଥ ବେହେରା, ଆକାଶ ଚନ୍ଦ୍ର ବିଶ୍ୱାଳ, ଅବିନାଶ ସାହୁ, ପ୍ରଶାନ୍ତ କୁମାର ବିଶ୍ୱାଳ, ମାନିନୀ ମାର୍ଥା, ପୂଜା ବେହେରା, ଶ୍ରୀହରି ବେହେରା, କାଳୁଚରଣ ସାହୁ, ଡି. ରବି କୁମାର ରେଡ୍ଡୀ, ଆଲୋକ କୁମାର ରାଉଳ ଓ ଏମ. ରାଜ ଶେଖର ରେଡ୍ଡୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ରାଜନୀତି, ଅର୍ଥନୀତି ବିଭାଗ ପାଠଚକ୍ର

ଭଞ୍ଜନଗର,୨୨।୧୨(ଡି.ଏନ.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅର୍ଥନୀତି ଏବଂ ସାବିତ୍ରୀ ମହିଳା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଅର୍ଥନିତୀ ବିଭାଗ ପାଠଚକ୍ରରେ କଲେଜ ଭାରପ୍ରାପ୍ତ ଅଧକ୍ଷ ସାତ୍ୟକୀ ସାହୁ ଅଧକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ଡ଼.ଆମାଶ ପାଟମାଝୀ ସ୍ୱାଗତ ଭାଷଣ ଦେଇଥିଲେ। ଷ୍ଟାଫ୍ କାଉନସିଲ ସମ୍ପାଦିକା ପ୍ରାଧ୍ୟାପିକା ଆରତିବାଳା ପ୍ରଧାନ, ଶୈକ୍ଷିକ ପରିଷଦ ଅଧିକାରୀ ବିଭାସ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧାପକ ବିଜୟ ମଲ୍ଲିକ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧାପିକା ଅନିତା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ସେହିପରି ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ପାଠଚକ୍ରରେ ଅଧକ୍ଷ ଡ଼.ଜୟରାମ ସେନାପତି ଅଧକ୍ଷତା କରିଥିଲେ । ନୂଆଦିଲ୍ଲୀରୁ ପ୍ରଫେସର ଆର.କେ.ବାରିକ ମୁଖ୍ୟ ଅତିଥି ଭାବେ ଅନଲାଇନରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ମୁଖ୍ୟ ଅଧାପିକା ଡ଼. ସଂଯୁକ୍ତା କୁମାରୀ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଛାତ୍ରୀ ଗାୟତ୍ରୀ ପାତ୍ର, ଆଶାରାଣୀ ସ୍ୱାଇଁ ସନ୍ଦର୍ଭ ପାଠ କରିଥିବା ବେଳେ ବିଭାଗୀୟ ଅଧାପକ ଡ. ସୁଶାନ୍ତ କୁମାର ମଲ୍ଲିକ ସହଯୋଗ କରିଥିଲେ। ପ୍ରେମଚାନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।




ରାଜନୀତି ବିଜ୍ଞାନ ବିଭାଗ ପାଠଚକ୍ରରେ ମଞ୍ଚାସୀନ ଅତିଥି ।

# ଆରାଣ୍ଡିନ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ାଉତ୍ସବ

ଜି.ଉଦୟଗିରି,୨୨।୧୨(ଡି.ଏନ.ଏ.)

ଜି.ଉଦୟଗିରି ବ୍ଲକ ଗ୍ରେସିଙ୍ଗିଆ ଆରାଣ୍ଡିନ ଉଚ୍ଚ ବିଦ୍ୟାଳୟଠାରେ ଦୁଇଦିନିଆ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଳକ ବର୍ଗରେ ୧୦ମ ଶ୍ରେଣୀ ଛାତ୍ର ଅମୂଲ୍ୟ ମଲ୍ଲିକ, ବାଳିକା ବର୍ଗରେ ପୁନମ ଦିଗଲ ଚାମ୍ପିୟନ ହୋଇଥିଲେ। ପ୍ରଧାନ ଶିକ୍ଷକ ଏମ୍‌ଡି ଜାମିଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଗ୍ରେସିଙ୍ଗିଆ ସରପଞ୍ଚ ତ୍ରିଶଳା ପ୍ରଧାନ ଓ ସମିତି ସଭ୍ୟା ପୂର୍ଣ୍ଣିମା ପ୍ରଧାନ ମୁଖ୍ୟଅତିଥି ଭାବେ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷାବିତ ବଳରାମ ସାହୁ ଓ ବିଦ୍ୟାଳୟର ପ୍ରତିଷ୍ଠାତା ଅଜରାଜ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୫୭ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଖେଳ ଶିକ୍ଷକ ସୁରେଶ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ଶିକ୍ଷକ ନନ୍ଦକିଶୋର ନାୟକ, ରାକେଶ କୁମାର ନାୟକ, ଲକ୍ଷ୍ମୀଧର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ଅନ୍ତରଙ୍ଗ ଯୁବ ମହୋତ୍ସବ




ଅନ୍ତରଙ୍ଗ ଯୁବ ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଦାରିଙ୍ଗବାଡ଼ି,୨୨।୧୨(ଡି.ଏନ୍.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିଠାରେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ଗୁରୁବାର ୧୫ତମ ଜିଲାସ୍ତରୀୟ ଅନ୍ତରଙ୍ଗ ଯୁବ ମହୋତ୍ସବ-୨୦୨୨ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୨ଟି ବ୍ଲକର ଅନ୍ତରଙ୍ଗ କ୍ଲବର ଯୁବତୀ ଯୁବକ ଯୋଗଦେଇଥିଲେ। ପ୍ରଥମ ଅଧିବେଶନ କାର୍ଯ୍ୟକ୍ରମରେ ଅନ୍ତରଙ୍ଗ ଯୁବ ମହାସଂଘର ଜିଲା ସଭାପତି ଦିଲ୍ଲୀପ କୁମାର ସାହୁ ଅଧକ୍ଷତା କରିଥିଲା ବେଳେ ସମ୍ପାଦକ ହୃଷିକେଶ ପ୍ରଧାନ ଅତିଥି ପରିଚୟ, ବାର୍ଷିକ ବିବରଣୀ ପଠନ କରିଥିଲେ। ମୁଖ୍ୟ ଅତିଥି ଭାବେ ଦାରିଙ୍ଗବାଡ଼ି ବିଡିଓ ଗଦାଧର ପାତ୍ର , ମୁଖ୍ୟବକ୍ତା ଭାବେ ଜାତୀୟ ଯୁବ ପ୍ରକଳ୍ପ ସଂଯୋଜକ ଶ୍ରୀସୋମ, ସମ୍ମାନିତ ଅତିଥି ଭାବେ ଗ୍ରାମ ବିକାଶ ଅନୁଷ୍ଠାନର ସଂଯୋଜକ ଜୟସେନ ଜୋସ ଥମାସ,ବାଲ୍ୟବିବାହ ପ୍ରତିରୋଧ ମଞ୍ଚ ଜିଲା ସମ୍ପାଦିକା ବିଷ୍ଣୁପ୍ରିୟା ପ୍ରଧାନ, ମହିଳା ଜୀବିକା ସୁରକ୍ଷା ମଞ୍ଚ ସଂଯୋଜିକା ସସ୍ମିତା ମଲିକ, ଅନ୍ତରଙ୍ଗ ଉପଦେଷ୍ଟା ଅକ୍ଷୟ କୁମାର ନାୟକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କନ୍ଧମାଳ ଜିଲା ପ୍ରଶାସନ, ଆକ୍ସନ ଏଡ୍ ଭୁବନେଶ୍ୱର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜାଗୃତି, ପ୍ରଦାତ୍ତା, ବନବାସୀ ସେବା ସମିତି, ସ୍ୱାତୀ ଓ ଗ୍ରାମ ବିକାଶ ସହାୟତା କରିଥିଲେ।

# ୨୦୩୦ ସୁଦ୍ଧା ଏସ୍‌ଡିଜି ହାସଲକୁ ଗୁରୁତ୍ୱ

ପାରଳାଖେମୁଣ୍ଡି, ୨୨।୧୨ (ଡି.ଏନ୍.ଏ)

୨୦୩୦ ସୁଦ୍ଧା ଜାତିସଂଘ ଦ୍ୱାରା ନିର୍ଦ୍ଧାରିତ ୧୭ଟି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଓଡ଼ିଶାରେ କିପରି ହାସଲ କରିହେବ ସେ ନିମନ୍ତେ ରାଜ୍ୟ ସରକାର ଯୋଜନା ରଖିଛନ୍ତି। ଏହି ଲକ୍ଷ୍ୟ କିପରି ଜିଲାସ୍ତରରୁ ହାସଲ କରାଯାଇପାରିବ ସେଥିପାଇଁ ଗଜପତି ଜିଲାରେ ଏକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଏବଂ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଆୟୋଜିତ କର୍ମଶାଳାକୁ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଉଦ୍‌ଘାଟନ କରିଥିଲେ।
ସୂଚନାଯୋଗ୍ୟ ଯେ, ନିଜ ପାଖରେ ଥିବା ସମ୍ବଳକୁ ଉପଯୋଗ କରି ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ ୧୭ଟି ଲକ୍ଷ୍ୟ ସମ୍ପର୍କରେ ୨୦୧୫ ସେପ୍ଟେମ୍ବର ୨୫ରେ ଜାତିସଂଘ ତରଫରୁ ଘୋଷଣା କରାଯାଇଥିଲା। ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୨୦୩୦ ଏଜେଣ୍ଡାରେ ରାଜ୍ୟ ତଥା ଜିଲାରୁ ଦାରିଦ୍ର୍ୟ ସମ୍ପୂର୍ଣ୍ଣ ଦୂରୀକରଣ, ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରି କ୍ଷୁଧାମୁକ୍ତ ରାଜ୍ୟ ଗଠନ, ସମସ୍ତଙ୍କ ପାଇଁ ପୋଷଣଯୁକ୍ତ ଖାଦ୍ୟ ଉପଲବ୍ଧ, ଗୁଣାତ୍ମକ ଶିକ୍ଷା ସହ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା, ମହିଳା ସଶକ୍ତୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ କରାଇବା, ଲିଙ୍ଗଗତ ଅସମାନତା ଦୂରକରିବା, ସମସ୍ତଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ସୁନିଶ୍ଚିତ କରିବା, ଶିଳ୍ପାୟନକୁ ପ୍ରୋତ୍ସାହନ ଦେବା, ଜଳବାୟୁ ପରିବର୍ତ୍ତନ ଏବଂ ଏହାର ପ୍ରଭାବର ମୁକାବିଲା କରିବା ପାଇଁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ତଥା ସ୍ଥାନୀୟ ସମ୍ବଳର ଉଚିତ ବ୍ୟବହାର କରିବା ଉପରେ କର୍ମଶାଳାରେ ଗୁରୁତ୍ୱାରୋପ କରଯାଇଥିଲା। ଦୁଇଦିନିଆ ପ୍ରଶିକ୍ଷଣ ଶିବିରର ପ୍ରଥମ ଦିନରେ ତାଲିମଦାତାମାନେ ଅଧିକାରୀମାନଙ୍କୁ ସଠିକ ତଥ୍ୟ ଅନୁଯାୟୀ ତୃଣମୂଳସ୍ତରକୁ ଯାଇ ସରକାରଙ୍କ ଯୋଜନା ସଫଳ ରୂପାୟନ ପୂର୍ବକ ହାସଲ ପାଇଁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତସ୍ତରରୁ ଯୋଜନାର ସଫଳ ରୂପାୟନ ହୋଇପାରିଲେ ଲକ୍ଷ୍ୟ ହାସଲ ହୋଇପାରିବ ମତପ୍ରକାଶ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଥିବା ସମସ୍ୟାକୁ ଗୁରୁତ୍ୱର ସହ ନେଇ ସମାଧାନ କରିବା ସହ ସେହି ଅଞ୍ଚଳର ସମ୍ବଳକୁ ଉପଯୋଗ କରି କାର୍ଯ୍ୟରେ ଲଗାଇଲେ ଦୀର୍ଘସ୍ଥାୟୀ ବିକାଶ ସମ୍ଭବ ହୋଇପାରିବ, ଯାହାଦ୍ୱାରା ଭବିଷ୍ୟତ ପିଢ଼ିର ବିକାଶ ସମ୍ଭବ ବୋଲି ଅତିରିକ୍ତ ଜିଲାପାଳ ପଣ୍ଡା ମତ ଦେଇଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା ଦୀର୍ଘ ସ୍ଥାୟୀ ବିକାଶ ଲକ୍ଷ୍ୟ ସମ୍ପର୍କରେ ଭର୍ଚୁଆଲରେ ବାର୍ତ୍ତା ପ୍ରଦାନ କରିଥିଲେ। ରାଜ୍ୟ ଯୋଜନା ଓ ସଂଯୋଜନା ବିଭାଗର ସାମର୍ଥ୍ୟ ବୃଦ୍ଧି ବିଶେଷଜ୍ଞ ସରୋଜ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ରୋମାଞ୍ଚଳ ଖମାରୀ, ଉପନିର୍ଦ୍ଦେଶକ ଯୋଜନା ଓ ସଂଯୋଜନା, ପରିସଂଖ୍ୟାନ ବିଭାଗ ଅଧିକାରୀ କୁଳମଣି ରାଉତ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶାରଦ ଭାବରେ ପ୍ରଦ୍ୟୁମ୍ନ କୁମାର ମହାକୁଡ଼, ଯୁଗ୍ମ ଶାସନ ସଚିବ ଯୋଜନା ଓ ସଂଯୋଜନା ବିଭାଗ ଓଡ଼ିଶା, ଆଭା ମିଶ୍ର ୟୁଏନ ଡିପି ଓଡ଼ିଶା ମୁଖ୍ୟ, ଓ ପ୍ରଦୀପ କୁମାର ପଣ୍ଡା ଅର୍ଥନୈତିକ ପରାମର୍ଶ ଏସ୍‌ଡିଜି ପିଏମ୍‌ୟୁ, ଯୋଜନା ଓ ସଂଯୋଜନା ବିଭାଗ ଓଡ଼ିଶା ପ୍ରମୁଖ ବିଶେଷଜ୍ଞ ପ୍ରଶିକ୍ଷଣ ଦେଇଥିଲେ।



କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

